ସମ୍ବାଦ
ଶନିବାର, ୨୩ ଜୁନ ୨୦୧୮, ଭୁବନେଶ୍ୱର
Saturday, 23 June 2018, Bhubaneswar

ମହାପୁରୁଷଙ୍କ ଲେଖନୀରୁ ...

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଚତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଦପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁଣ୍ଟ ଭଚନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ସମ୍ପାଦକୀୟ

ବିଫଳ କାଶ୍ମୀର ମିଶନ

ଜାମ୍ମୁ-କାଶ୍ମୀରରେ ବିଜେପି-ପିଡିପି ମେଣ୍ଟ ସରକାରର ପତନ ଘଟିଛି । ବିଜେଡି-ପିଡିପି ମେଣ୍ଟ କେବଳ କ୍ଷମତା ଦଖଲ ଉଦ୍ଦେଶ୍ୟରେ ହୋଇଥିଲା । ଜାମ୍ମୁ-କାଶ୍ମୀରରେ ବିଜେପି ତାର ସ୍ଥିତି ଜାହିର କରିବା ଲକ୍ଷ୍ୟ ନେଇ ପିଡିପି ସହିତ ସୁବିଧାବାଦୀ ମେଣ୍ଟ କରିଥିଲା । ଏବେ ପିଡିପକୁ ବିରୋଧ କରି ବିଜେପି ମେଣ୍ଟରୁ ସମର୍ଥନ ପ୍ରତ୍ୟାହାର ସଂଖ୍ୟାଲଘୁ ମେହବୁବା ମୁଫତି ସରକାର ଇସ୍ତଫା ଦେଇଛନ୍ତି । ଜାମ୍ମୁ-କାଶ୍ମୀରରେ ରାଜ୍ୟପାଳ ଶାସନ ଜାରି ହୋଇଛି । ଜାମ୍ମୁ-କାଶ୍ମୀର ପରିସ୍ଥିତିରେ କ୍ରମାଗତ ଅବନ୍ନତି ହେଉଥିବା ପରିପ୍ରେକ୍ଷୀରେ ବିଜେପି ନିଜ ଉପରୁ ଦୋଷ ଖସାଇବା ପାଇଁ କୌଶଳକ୍ରମେ ମେଣ୍ଟ ସରକାରରୁ ଓହରିଯାଇଛି । ୨୦୧୯ ନିର୍ବାଚନ ପୂର୍ବରୁ ମୋଦି ସରକାର କାଶ୍ମୀର ପ୍ରସଙ୍ଗକୁ ଏକ ନୂଆ ମୋଡ଼ ଦେବାକୁ ଲକ୍ଷ୍ୟ ରଖିଛନ୍ତି । ଏହାକୁ ବିଜେପି ଏକ ନିର୍ବାଚନୀ ପ୍ରସଙ୍ଗ କରିବ । ତେଣୁ ତାର ଯଥେଷ୍ଟ ପୂର୍ବରୁ ବିଜେପି ସେଠାରେ ମେହବୁବା ମୁଫତିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରର ପତନ ପାଇଁ ଏଭଳି ନିଷ୍ପତ୍ତି ନେଇପାରେ ବୋଲି ଆଶା କରାଯାଉଥିଲା । ନଚେତ୍ ଏହା ବିଜେପି ପାଇଁ ୨୦୧୯ରେ ମହଙ୍ଗା ପଡ଼ିଥାନ୍ତା । ତିନିବର୍ଷ ତଳେ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନରେ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିନଥିଲା ଏବଂ ରାଜ୍ୟରେ ଏକ ଝୁଲା ବିଧାନସଭା ଗଠିତ ହୋଇଥିଲା । କାଶ୍ମୀର ଉପତ୍ୟକାରେ ପିଡିପି ଓ ଜାମ୍ମୁରେ ବିଜେପିକୁ ମିଳିଥିଲା ବହୁମତ । ତେଣୁ ରାଜ୍ୟରେ ରାଜନୈତିକ ଅଚଳାବସ୍ଥାକୁ ଦୂର କରିବା ପାଇଁ ଏବଂ ଜନମତକୁ ସମ୍ମାନ ଦେଇ ବିଜେପି ଓ ପିଡିପି ଭଳି ପରସ୍ପର ବିରୋଧୀ ଦଳ ହାତ ମିଳାଇଥିଲେ । ଏଥିରେ ମୁଖ୍ୟ ଭୂମିକା ନେଇଥିଲେ ପିଡିପିର ପ୍ରତିଷ୍ଠାତା ମୁଫତି ମହମ୍ମଦ ସୟେଦ୍ । ତାଙ୍କର ଅଭିଜ୍ଞତା ଓ ଦୂରଦୃଷ୍ଟି କାଶ୍ମୀର ସମସ୍ୟାର ସମାଧାନରେ ସହାୟକ ହେବ ବୋଲି ଆଶା କରି ବିଜେପି ସେଠାରେ ପିଡିପି ଭଳି ଦଳ ସହ ହାତ ମିଳାଇଥିଲା । ମୂଳରୁ ସବୁ ଠିକ୍‌ଠାକ୍ ଚାଲଇଥିଲା । କାଶ୍ମୀର ଉପତ୍ୟକାରେ ଆତଙ୍କବାଦର ମୁକାବିଲା ଏବଂ ଶାନ୍ତି ପ୍ରକ୍ରିୟା ସହିତ ବିକାଶ ମୂଳକ କାର୍ଯ୍ୟ ସମାନ୍ତରାଳଭାବେ ଆରମ୍ଭ ହୋଇଥିଲା । କିନ୍ତୁ ଦୁର୍ଭାଗ୍ୟ କ୍ରମେ ମୁଫତି ସାହେବ ଆକସ୍ମିକଭାବେ ପରଲୋକ ଗମନ କଲେ । ତାଙ୍କ ପରେ ତାଙ୍କ ସୁପୁତ୍ରି ତଥା ରାଜନୈତିକ ଉତ୍ତରାଧିକାରୀ ମେହବୁବା ମୁଫତି ହେଲେ ମୁଖ୍ୟମନ୍ତ୍ରୀ । ତାଙ୍କ ଶାସନ କାଳରେ ରାଜ୍ୟର ପରିସ୍ଥିତି ବିଗିଡ଼ିଗଲା । ଆତଙ୍କବାଦୀ, ବିଚ୍ଛିନ୍ନତାବାଦୀ ଓ ଦେଶବିରୋଧୀଙ୍କି ତାଙ୍କର ନରମ ମନୋଭାବ ଏବଂ ଦେଶର ସୁରକ୍ଷା ସହ ସାଲିସ୍ ପାଇଁ କାଶ୍ମୀରରେ ଆତଙ୍କବାଦ ବହୁ ଗୁଣିତ ହେଲା । ପ୍ରତିଦିନ ନିରୀହ ବ୍ୟକ୍ତି ଆତଙ୍କବାଦୀଙ୍କ ଗୁଳିର ଶୀକାର ହେଲେ, ଭାରତୀୟ ଯବାନ୍ ସହିଦ୍ ହେଲେ । ସୁରକ୍ଷା ବାହିନୀ ଉପରକୁ ଦେଶବିରୋଧୀମାନେ ଟେକାପଥର ମରିଲେ । ପୁରା ରାଜ୍ୟରେ ଅରାଜକତା ସଅଷ୍ଟି ହେଲା । ତଥାପି ମେହବୁବା ଆତଙ୍କବାଦୀଙ୍କ ସହ ଆଲୋଚନା, ଅସ୍ତ୍ରବିରତି ଓ ସେନା ପ୍ରତ୍ୟାର ସପକ୍ଷରେ ଯୁକ୍ତି କଲେ । ତାଙ୍କ କଥାକୁ ସମ୍ମାନ ଦେଇ ଭାରତ ସରକାର ପବିତ୍ର ରମଜାନ ମାସରେ ଏକପାଖିଆ ଭାବେ ଅସ୍ତ୍ରବିରତି ଘୋଷଣା କଲେ । ଏହାର ଫଳସ୍ୱରୂପ ଆତଙ୍କବାଦୀମାନେ ରମଜାନ ମାସରେ ବହୁ ନିରୀହ ବ୍ୟକ୍ତିଙ୍କୁ ଅପହରଣ ଏବଂ ହତ୍ୟା କଲେ । ଭାରତର ସହନଶୀଳତାକୁ ସେମାନେ ଦୁର୍ବଳତା ବୋଲି ଭାବିଲେ । ତଥାପି ମେହବୁବା ଅମରନାଥ ଯାତ୍ରା ପର୍ଯ୍ୟନ୍ତ ଅସ୍ତ୍ରବିରତି ମିଆଦ ବୃଦ୍ଧି ପାଇଁ ପ୍ରସ୍ତାବ ରଖିଲେ ଯାହାକୁ ଭାରତ ସରକାର ଯଥାର୍ଥରେ ପ୍ରତ୍ୟାଖ୍ୟାନ କରିଛନ୍ତି । କାଶ୍ମୀର ପରିସ୍ଥିତି ଅଣାୟତ ହେବା ସହ ମୋଦି ସରକାର ଏଥିପାଇଁ ବିରୋଧୀ ଦଳ ଦ୍ୱାରା ସମାଲୋଚନାର ଶୀକାର ହେବାରୁ କିଛି ଆକସ୍ମିକ ପଦକ୍ଷେପ ନେଇ ସମସ୍ତଙ୍କୁ ବିସ୍ମିତ କରିବାକୁ ଅମିତ ଶାହା, ରାଜନାଥ ସିଂହ ନିଷ୍ପତ୍ତି ନେଇଥିଲେ । ବର୍ତ୍ତମାନ ପାଇଁ ସେଠାରେ ବିକଳ୍ପ ସରକାର ଗଠନ ସମ୍ଭାବନା କମ୍ । ତେଣୁ ନିର୍ବାଚନ ପର୍ଯ୍ୟନ୍ତ ସେଠାରେ ରାଜ୍ୟପାଳ ଶାସନ ଜାରି ରହିବା ଉଚିତ ଏବଂ ଏହି ସୁଯୋଗରେ 'ଅପରେସନ୍ ଅଲ୍ ଆଉଟ୍'କୁ ଶତପ୍ରତିଶତ ସଫଳ କରିବାକୁ ଉଦ୍ୟମ କରାଯିବା ଉଚିତ । ଏହାଠାରୁ ଭଲ ସୁଯୋଗ ଆଉ ମିଳିବ ନାହିଁ । ମେହବୁବା ସରକାରରୁ ସମର୍ଥନ ପ୍ରତ୍ୟାହାର ଅପରେସନ ଅଲ୍ ଆଉଟ୍‌ର ଏକ ଅଂଶବିଶେଷ ବୋଲି କୁହାଯାଇପାରେ । ଅପରେସନ୍ ଅଲ୍ ଆଉଟ୍ ଆରମ୍ଭ ହେବା ପରେ ଆତଙ୍କବାଦୀ ଦମନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ତେବେ ମେଣ୍ଟରୁ ସମର୍ଥନ ପ୍ରତ୍ୟାହାର ପଛରେ ବିଜେପିର ଯେଉଁ ଚାଲ ରହିଛି ତାହା ଧରିପଡିଯାଇଛି । ବିଜେପିର କାଶ୍ମୀର ମିଶନ ବିଫଳ ହୋଇଛି ।

ଆନ୍ତର୍ଜାତିକ ବିଧବା ଦିବସ

ବିଗତ ହୋଇଛି ଧବ ଯାହାର - ଏକ ଅନୁଶୀଳନ

ବିପିନ ବିହାରୀ ମହାନ୍ତି

ଭାରତୀୟ ହିନ୍ଦୁ ପରମ୍ପରାରେ ବିଗତ ହୋଇଛି ଧବ (ସ୍ୱାମୀ) ଯାହାର ସେ ବିଧବା (ବିଧବ) । ଧବ କହିଲେ ପତିହୀନ ଅର୍ଥାତ ପତି ରହିତ । ପତି ସହ ବର୍ତମାନ ଯେ ସଧବା । ପତିହୀନା ଯେ ସେ ବିଧବା । 'ପି' କହିଲେ ରହିତ ବା ବଂଚିତ । ବିଧବାମାନେ ଦେଶ, ଜାତି ଓ ପରମ୍ପରା ନେଇ କେଉଁଠି ପୁର୍ନବିବାହ କରିପାରନ୍ତି ବା ନକରିପାରନ୍ତି । କେଉଁଠି ତ ଆଦୌ ବିଧବା ବିବାହ ପ୍ରଚଳନ ନାହିଁ । ଏହା କେଉଁଠି ସଂକୀର୍ଣ୍ଣ ଜାତିଆଣ ପରମ୍ପରା ବା ଗୋଷ୍ଠୀର କଟକଣାକୁ ନେଇ ହୋଇପାରେ ବା ନହୋଇପାରେ । ଯେଉଁଠି ବିଧବା ବିବାହ ପ୍ରଚଳନ ଅଛି, ସେଠି ବିଧବାର କୌଣସି ସନ୍ତାନ ନଥାନ୍ତି, ତେବେ ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ ଏବଂ ସେ ପୁର୍ନବିବାହ ନିଶ୍ଚୟ ନିରାପଦ । ଯେଉଁଠି ବିଧବାର ସନ୍ତାନ ଥାନ୍ତି ସେମାନଙ୍କ ସାଙ୍ଗରେ ନେଇକି ଯିବା କିମ୍ବା ପୂର୍ବ ଶ୍ୱଶୂରାଳୟରେ ଛାଡ଼ିକି ଯିବା ସନ୍ତାନ ବା ମା' ପାଇଁ ଆଦୌ ନିରାପଦ ନୁହେଁ। ବରଂ ଏ ସଙ୍ଗ ବା ବିଚ୍ଛେଦ ନିହାତି ଯନ୍ତ୍ରଣାଦାୟକ ।

ଅନେକ କ୍ଷେତ୍ରରେ ବିଧବାମାନେ ପୁର୍ନବିବାହ କରିପାରିନଥାନ୍ତି ଏମାନେ ଅବଶିଷ୍ଟ ଜୀବନ ବିଧବା ଭାବରେ ଏକା ଏକା କଟାଇଥାନ୍ତି। ହୁଏତ କାହାର ସନ୍ତାନ ଥାଇପାରେ କାହାର ବା ନଥାଇପାରେ । ଉଭୟ କ୍ଷେତ୍ରରେ ସେମାନଙ୍କର ଜୀବନ ଦୁର୍ବିସହ ଓ ଯନ୍ତ୍ରଣାଦାୟକ । ଏମାନେ କୁଳକୁ ହିତା ନୁହଁନ୍ତି । ଏମିତିକି ନିଜକୁ ପିତା । ଏମାନଙ୍କ ପାଖରେ ସମସ୍ୟା ଅନେକ। ଏବେ ଲକ୍ଷ ଲକ୍ଷ ବିଧବା ସମଗ୍ର ବିଶ୍ୱରେ ଦାରିଦ୍ର୍ୟ, ସାମାଜିକ ବାସନ୍ଦ, ହିଂସା, ଏକାକିନୀ ରୋଗ ଓ ଦୁଷ୍କର୍ମ ବା ବଳାତ୍କାର ଇତ୍ୟାଦିର ଶିକାର ହେଉଛନ୍ତି । କେଉଁଠି ଗଣଶିକାର ବା ଧର୍ଷଣ ପରେ ହତ୍ୟା ହେଉଛନ୍ତି । ଏଇ ଯେମିତି ଆମ ଓଡ଼ିଶାର ବାଲିକୁମା (କାମାକ୍ଷାନଗର)ରେ ଘଟିଥିବା ଜଣେ ବିଧବାଙ୍କୁ ଚାରିଜଣଙ୍କ ଦ୍ୱାରା ଗଣଧର୍ଷଣ ପରେ ଯୌନାଙ୍ଗକୁ ଅସ୍ତ୍ରାଘାତ କରି ହତ୍ୟା କରିଛନ୍ତି । ପୁଣି ନିଜ ୧୦ ବର୍ଷର ପୁଅ ସାମ୍ନାରେ । ଏମିତିକି ଏକାକି ସୁଯୋଗ ନେଇ ଚୋରି, ଡକାୟତି, ଅପହରଣ ଇତ୍ୟାଦି କରିଥାନ୍ତି । ନା ସେମାନଙ୍କ ଜୀବନ ପ୍ରତି ସୁଖ ଅଛି ନା ଅଛି ନିରାପତା ଅଛି । ଏସବୁର ନିରାକରଣ ସାଙ୍ଗକୁ ସେମାନଙ୍କୁ ବାଛବିଚାର ମୁକ୍ତ ଭାବେ ମର୍ଯ୍ୟାଦାର ସହ ବଂଚିବାର ସୁଯୋଗ ଦେବାକୁ ଆଜିର ଦିନରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଏବେ ବିଶ୍ୱସ୍ତରୀୟ ପ୍ରୟାସ ଆରମ୍ଭ ହୋଇଛି । ୨୦୦୫ ମସିହା ଜୁନ୍ ୨୩ରେ ପ୍ରଥମ ଆନ୍ତର୍ଜାତିକ ବିଧବା ଦିବସ ଏନେଇ ପାଳନ ହୋଇଯାଇଛି । ତେବେ ୨୦୧୦ ମସିହା ଡିସେମ୍ବର ୨୧ରେ ଜାତିସଂଘର ସାଧାରଣ ଆସେମ୍ବ୍ଲିରେ ଏହାକୁ ବିଧିବଦ୍ଧ ଭାବେ ସ୍ୱୀକୃତି ମିଳିଛି । ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ଅନ୍ୟାନ୍ୟ କାରଣରୁ ବିଶ୍ୱର ବିଭିନ୍ନ ଭାଗରେ ବିଧବା ମହିଳା ଓ ସେମାନଙ୍କ ପିଲାମାନେ କଠିନ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଆସନ୍ତୁ, ସେମାନଙ୍କ ନିରାପତା ସହ ବଂଚିବାରେ ଏବଂ ଜୀବନର ସ୍ୱାଦ ଚଖାଇବାରେ ସହାୟକ ହେବା ।

ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ
ବିକାଶ ନଗର, ଜଟଣୀ, ଖୋର୍ଦ୍ଧା,
ମୋ : ୯୯୩୮୩୪୪୧୩୮

ବିଜେଡ଼ିର ଟିକେଟ ରାଜନୀତିର ଗୁମର !

ବାଦଲ ଭୂୟାଁ

ମୁଣ୍ଡ ଉପରେ ଆସନ୍ନ ବିଧାନ ସଭା ଓ ସାଧାରଣ ନିର୍ବାଚନ । ଓନିଶାରେ ବିଜେପି ଓ କଂଗ୍ରେସ ଅପେକ୍ଷା ରାଜନୈତିକ କ୍ଷେତ୍ରରେ ବିଜେଡ଼ି ଆଗୁଆ । ମୋଦୀଙ୍କ ଯୋଜନା ମୁତାବକ ଏକ ସଙ୍ଗରେ ଦୁଇଟି ନିର୍ବାଚନ ହେଲେ ବିଜେଡ଼ି କିନ୍ତୁ ପୁରାପୁରି ପ୍ରସ୍ତୁତ । ୧୯୯୭ରେ ଗଢ଼ିଥିବା ବିଜେଡ଼ି ଦଳ ପ୍ରଥମ ଦୁଇଟି ସରକାରରେ ବିଜେପି ସହ ଶାସନରେ ସାଥି କରିଥିଲା । ବର୍ତ୍ତମାନ କଥାତ ପୁରା ଅଲଗା । ପିଜେଡ଼ିକୁ ନିଜ ଘର ଭାବରେ ବିଚାର କରି ଯେଉଁ ତୁଙ୍ଗନେତୃ ବୃନ୍ଦ ଏହାକୁ ଶିଶୁରୁ ବୟସ୍କ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ସେମାନଙ୍କ ଭିତରେ ଥିଲେ ଦିଲ୍ଲୀପ ରାୟ, ବିଜୟ ମହାପାତ୍ର, ନଳିନୀ ମହାନ୍ତି, ସୁରେନ୍ଦ୍ର ନାୟକ, ଦାମୋଦର ରାଉତ ପ୍ରମୁଖ ଅନ୍ୟତମ । ଏମାନେ ଯଥାର୍ଥରେ କହିବାକୁ ଗଲେ ଏକାନ୍ତ ବିଜୁ ଅନୁଗତ ଥିଲେ । କିନ୍ତୁ ରାଜନୈତିକ ଘଟଣାକ୍ରମରେ ତତ୍କାଳୀନ ମାର୍ଗଦର୍ଶକ ପ୍ୟାରୀ ମୋହନଙ୍କ ଇଛାରେ ବିଜୟ ମହାପାତ୍ରଙ୍କୁ ଦଳରେ ବିଦାୟ କରାଯିବା ପରେ ନିଲ୍ଲୀପ ରାୟ, ନଳିନୀ ମହାନ୍ତି, ରାମକୃଷ୍ଣ ପଟ୍ଟନାୟକ, ତ୍ରିଲୋଚନ କାନୁନଗୋ, ଶରତ କର, କମଳା ଦାସ, ପଞ୍ଚାନନ କାନୁନଗୋ ପ୍ରମୁଖ ଦଳ ଛଡ଼ା ହୋଇଥିଲେ । ଏକଦା ଅତ୍ୟନ୍ତ ବିଜୁ ଅନୁଗତ କୁହାଯାଉଥିବା ସୁରେନ୍ଦ୍ର ନାୟକ ଓ ପ୍ରଫୁଲ୍ଲ ଘଡ଼ାଇ ପ୍ରମୁଖଙ୍କୁ ଦଳରୁ କୋଳଠେଷା କରିଦିଆଗଲା । ବିଜେଡ଼ି ଦଳ ସଂପ୍ରତି ଦଳେ ଯୁବ ନେତୃତ୍ୱଙ୍କ ମାର୍ଗଦର୍ଶନରେ ଚାଲୁଛି ବୋଲି ରାଜନୈତିକ ସମୀକ୍ଷକ ମତ । ଖୋଦ କୁହାଳିଆ ବରିଷ୍ଠ ନେତା ଦାମୋଦର ରାଉତ ଏନେଇ ଅନେକ ସମୟ ଗଣମାଧ୍ୟମରେ ବିଶୋଦଗାର କରିଛନ୍ତି । ବିଜେଡ଼ି ପରି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳରେ କ୍ରମାଗତ ଭାବରେ ଦେଖାଯାଉଛି ଦଳର ବରିଷ୍ଠ ନେତା ମାନଙ୍କ ଯୋଜନାବଦ୍ଧ ଭାବରେ ପକ୍ଷ ଛେଦନ କରାଯାଉଛି । ଅନେକଙ୍କର ହୁଏତ ମନେନଥିବ ମୁଖ୍ୟ ସଚେତକ ଥାଇ ସୁଧା ରବି ପାଣିଙ୍କୁ ଟିକେଟରୁ ବଞ୍ଚିତ କରାଯାଇଥିଲା । ଇତି ମଧ୍ୟରେ କିଛି ରାଜନୈତିକ ଖବର ଓଡ଼ିଶା ରାଜନୀତିକୁ ସରଗରମ କରିଛି । ଯଦି ଗଣମାଧ୍ୟମର ଖବର ସତ ହୁଏ ତାହାହେଲେ ବିଜେଡ଼ିର ବରିଷ୍ଠ ନେତା ଅର୍ଜୁନ ସେଠୀଙ୍କୁ ଭଦ୍ରକ ଲୋକସଭା ସିଟ ଟିକେଟ ନମିଳି କଂଗ୍ରେସର ପୂର୍ବତନ ପିସିସି ମୁଖିଆ ଜୟଦେବ ଜେନାଙ୍କ ପୁଅ ସଂଗ୍ରାମ କେଶରୀଙ୍କୁ ମିଳିବ । ଯଦିଓ ବିଜୟଶ୍ରୀ ରାଉତରାୟ ନଲଢ଼ି ତାଙ୍କ ପୁଅ ଜ୍ୟୋତି ରାଉତରାୟ ପାଇଁ କ୍ଷେତ୍ର ପରିକ୍ଷାର କରୁଛନ୍ତି । ରିପୋର୍ଟ ମୁତାବକ ଭୋଗରାଇରୁ ଅନନ୍ତ ଦାସ ଓ ବସ୍ତା ଆସନରୁ ରଘୁ ମହାନ୍ତି ଆଉ ଟିକେଟ ନପାଇ ପାରନ୍ତି ।

ଭୁବନେଶ୍ୱର ରାଜନୈତିକ ଉଡ଼ା ଖବର ଅନୁଯାୟୀ ବର୍ତ୍ତମାନର ବିଜେଡ଼ି ବିଧାୟକ ମାନଙ୍କ ଭିତରୁ ପାଖାପାଖି ପଚାଶ ଜଣଙ୍କୁ ଟିକେଟ ମିଳିବ ନାହିଁ। ବରିଷ୍ଠ ନେତାଙ୍କ ପୁଅ ତଥା ଅଧିକ ବିଜୟ ସମ୍ଭାବନା ରହୁଥିବା ବାହାର ଦଳର ନେତାଙ୍କୁ ବିଜେଡ଼ି ନିଜେ ଟିକେଟ ଦେଇ ଲଢ଼ାଇବ । ବିଜେଡ଼ି ନିର୍ବାଚନ ପାଇଁ ପୁରାପୁରି ପ୍ରସ୍ତୁତି ହୋଇସାରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଯୁବ ଚେହେରାଙ୍କୁ ସାମ୍ନାକୁ ଆଣିବାର ଯୋଜନା କରିବା ସହ ଘରେ ରାଜନୈତିକ ଭଙ୍ଗାଯୋଡ଼ା ଘଟଣା ବିଜେଡ଼ି ରାଜନୀତିର ଏକ ବିସ୍ମୟକର ଘଟଣା । ନବୀନ ବାବୁଙ୍କ ତୀବ୍ର ବିରୋଧୀ ଥାଇ ଅଶୋକ ଦାଶଙ୍କ ପୁଅ ପ୍ରଣବ ପ୍ରକାଶ ଦାଶଙ୍କୁ ବିଜେଡ଼ି ରାଜନୀତିକୁ ଆଣିଥିଲା । ପ୍ରଫୁଲ୍ଲ ଘଡ଼େଇଙ୍କର ରାଜନୀତିଙ୍କ ଅନ୍ତ ଓ ତାଙ୍କ ପୁଅ ପ୍ରୀତିରଞ୍ଜନଙ୍କୁ ବିଧାୟକ ଟିକେଟ ସ୍ପଷ୍ଟ ହେଉଛି ଯେ ଯେତେ ବରିଷ୍ଠ ହେଲେ ବି ବାପକୁ ପ୍ରାଥମିକତା ନ ଦିଆଯାଇ ପୁଅକୁ ବିଧାନ ସଭା ଟିକେଟ ମଳୁଛି । ଯାହା ସୂଚାଉଛି ରାଜନୀତି ପାଇଁ ବାପ-ପୁଅଙ୍କ ଭିତରେ ଅସ୍ୱସ୍ତିକର ପରିବେଶ ସୃଷ୍ଟି କରିବା । ଯୋଜନା ମୁତାବକ ପାରାଦ୍ୱୀପ ବିଧାନ ସଭା କ୍ଷେତ୍ର ପାଇଁ ଦାମ ରାଉତଙ୍କୁ ଟିକେଟ ନମିଳି ତାଙ୍କ ପୁଅ ସମିତ, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ସୂର୍ଯ୍ୟ ପାତ୍ରଙ୍କ ପୁଅ ବିପ୍ଳବ ଏପରିକି ବାଙ୍କୀ ନିର୍ବରଚନ ମଣ୍ଡଳୀରେ ପ୍ରଭାତ ତ୍ରିପାଠୀଙ୍କ ପୁଅକୁ ଟିକେଟ ମିଳିବା ସୁନିଶ୍ଚିତ । ଗୁଇନ୍ଦା ବିଭାଗ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ଲୋକପ୍ରିୟତା ଓ ଜନସାଧାରଣଙ୍କ ସହ ସମ୍ପର୍କର ବିଧାୟକ ମାନଙ୍କର ଗଭୀରତାକୁ ମପା ଯାଉଛି ଯାହାକି ଟିକେଟ ବଣ୍ଟନ ବେଳେ ମୁଖ୍ୟ ମାନଦଣ୍ଡ କରାଯିବ । ଏବେ ଦଳରେ ବରିଷ୍ଠ କହିଲେ ଡାକ୍ତର ଦାମୋଦର ରାଉତ, ଅନଙ୍ଗ ଉଦୟ ସିଂହଦେଓ, ପ୍ରସନ୍ନ ଆଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ପାତ୍ର, ଅନନ୍ତ ଦାସ, ମଙ୍ଗଳା କିଷାନ, ରଣେନ୍ଦ୍ର ସ୍ୱାଇଁ, ପ୍ରଭାତ ତ୍ରିପାଠୀ, ଦେବୀ ମିଶ୍ର, ପଦ୍ମନାଭ ବେହେରା, ଅର୍ଜୁନ ସେଠୀ ପ୍ରମୁଖ ରହିଥିବା ବେଳେ ଏମାନେ ଯେ ବିଧାନ ସଭାର ଟିକେଟ ପାଇବେ ତାହାର କୌଣସି ଗ୍ୟାରେଣ୍ଟି ନାହିଁ । ପଦ୍ମନାଭ ବେହେରା, ଯୋଗେନ୍ଦ୍ର ବେହେରା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମଙ୍ଗଳା କିଷାନ, ବେଦ ପ୍ରକାଶ ଅଗ୍ରୱାଲ ପ୍ରମୁଖଙ୍କ ପରି ନେତା ବିଜେଡ଼ି ଟିକେଟରୁ ବଞ୍ଚିତ ହୋଇପାରନ୍ତି । ରାଜ୍ୟରେ ବିଜେପିର ମୋଦୀ ଲହରକୁ କାଟିବା ଓ କଂଗ୍ରେସର ନିରଞ୍ଜନଙ୍କ ଟାଣୁଆ ପ୍ରଭାବକୁ ରାଜନୈତିକ କ୍ଷେତ୍ରରେ ମାତ ଦେବା ପାଇଁ ବିଜେଡ଼ି ଏଥରକ ଅନ୍ୟ ଦଳର ଚିହ୍ନା ମୁହଁକୁ ଗୁରୁତ୍ୱ ଦେବ । ସେହିପରି ନବୀନ ବାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଆଖିରେ ରଖି ଦଳ ତାଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକଙ୍କ ପୁଅ ଅରୁଣ ପଟ୍ଟନାୟକଙ୍କୁ ବିଜୁ ଲିଗାସିର ପ୍ରବାହ ଧାରାକୁ ଆଗେଇ ନେବା ପାଇଁ ଦଳର ନେତୃତ୍ୱ ଦେବାର ସମ୍ଭାବନା ବି ସୃଷ୍ଟି ହୋଇଛି । ଯାହାଦ୍ୱାରା ବିଜେଡ଼ିର ବରିଷ୍ଠ ନେତା ମାନଙ୍କୁ ପୁରାପରି ସଫା କରି ଯୁବ ନେତୃତ୍ୱଙ୍କ ଉପରେ ଦଳ ଆସ୍ଥା ବଢ଼ାଇବ । ଅରୁଣ ପଟ୍ଟନାୟକ ରାଜନୀତିକୁ ଆସିଲେ ଦଳ ବିଜୁ ପରିବାର ଦ୍ୱାରା ସୁରକ୍ଷିତ ରହିବ ବୋଲି ରାଜନୈତିକ ସମୀକ୍ଷକ ମତ ଦିଅନ୍ତି । ବିଜୁ ବାବୁଙ୍କ ନାମରେ ଭୋଟ ସାଉଁଟୁ ଥିବା ବିଜେଡ଼ିର ରାଜନୈତିକ ଅଙ୍କ ଦଳକୁ କେଉଁ ଆଡକୁ ନେବ ତାହାକୁ ଅପେକ୍ଷା ।

୪-ଜି, ପ୍ରତାପ ଆପର୍ଟମେଣ୍ଟ, ପୁରୁଣା ସୋନାରୀ, ଜାମସେଦପୁର
ଦୂରଭାଷ : ୦୯୨୩୪୬୫୫୬୪୫ / ୭୪୮୮୯୯୮୫୩୨

ବିଶ୍ୱ ଏସଓଏସ୍ ଦିବସ

ଶେଖ ଫରିଦଉଦ୍ଦିନ

ପ୍ରତିବର୍ଷ ଜୁନ୍ ମାସ ୨୩ ତାରିଖକୁ ବିଶ୍ୱ ଏସ୍‌ଓଏସ୍ ଦିବସ ରୂପେ ପାଳନ କରାଯାଉଅଛି । ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକା ପରେ ୧୯୪୯ ମସିହା ଆଜିର ଦିନରେ ଡ.ହରମନ ଜେମିନ୍ ଅଷ୍ଟ୍ରେଲିଆର ପ୍ରଥମ ଏସ୍‌ଓଏସ୍ ଭିଲେଜ ସ୍ଥାପନ କରିଥିଲେ । ଏହି ଏସ୍‌ଓଏସ୍ ଭିଜେଗୁଡ଼ିକରେ ସମାଜରେ ଅବାଞ୍ଛିତ, ଅବହେଳିତ, ଅନାଥ ଶିଶୁମାନଙ୍କୁ ପରିବାରରେ ଆୟୁଧ ନେବା ପାଇଁ ସବୁରି କ୍ଷେତ୍ରରେ ପ୍ରୟାସ କରାଯାଇଥାଏ । ଜୁନ୍ ମାସ ୨୩ ତାରିଖକୁ ମଧ୍ୟ ହରମନ ହେମିନ୍‌ଙ୍କ ଜନ୍ମତିଥି ରୂପେ ବିଶ୍ୱରେ ବିଶ୍ୱ ଏସ୍‌ଓଏସ୍ ଦିବସ ରୂପେ ପାଳନ କରାଯାଏ । ସମଗ୍ର ବିଶ୍ୱର ୧୩୨ଟି ଦେଶରେ ଅନେକ ଏସ୍‌ଓଏସ୍ ଭିଲେଜ କାର୍ଯ୍ୟ କରିଥିବାବେଳେ ଭାରତରେ ୩୯ଟି ଏସ୍‌ଓଏସ୍ ଭିଲେଜ ରହିଛି । ସମାଜରେ ଆଦର୍ଶମୟ ତଥା ଉତ୍ସର୍ଗୀକୃତ ସେବା ମନୋଭାବ ପାଇଁ ଅନେକ ଅନୁଷ୍ଠା